## ସଂକ୍ଷେପରେ

### ସ୍ଥାୟୀ ନିଯୁକ୍ତି ଦାବିରେ ବିସ୍ଥାପିତଙ୍କ ଧାରଣା ଜାରି

**ସମ୍ବଲପୁର,୨୩।୯(ବ୍ୟୁରୋ):** ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବୋମାଲୋଇସ୍ଥିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଆଞ୍ଚଳିକ ସଂଘ ପକ୍ଷରୁ ଚାଲିଥିବା ଧାରଣା ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ଜିଲା ଓକିଲ ସଂଘ ଓ ଜିଲା କଂଗ୍ରେସ ଏହାକୁ ସମର୍ଥନ କରିଛି। ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ପୂର୍ବତନ ସଭାପତି ଡ. ପ୍ରମୋଦ କୁମାର ରଥ, ରବି ରଞ୍ଜନ ପୂଜାରୀ, ବିଜିତେନ୍ଦ୍ରିୟ ପ୍ରଧାନ, ମନରଞ୍ଜନ ପଣ୍ଡା ଓ ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ଧାରଣାରେ ବସିଥିଲେ। ଅଭିଯୋଗ କ୍ରମେ ୨୦୧୩ରୁ ଲପଙ୍ଗାସ୍ଥିତ ଆଦିତ୍ୟ ବିର୍ଲା କମ୍ପାନୀ ଓ ସ୍ଥାନୀୟ ବିସ୍ଥାପିତମାନଙ୍କ ସହ ବାରମ୍ବାର ଆଲୋଚନା କରାଯାଉଛି। ସ୍ଥାୟୀ ନିଯୁକ୍ତି ଓ କ୍ଷତିପୂରଣ ଆଦି ସମସ୍ୟା ନେଇ ବିସ୍ଥାପିତମାନେ ଆନ୍ଦୋଳନ କରୁଛନ୍ତି। ବର୍ଷ ବର୍ଷ ବିତିଯାଉଥିଲେ ମଧ କମ୍ପାନୀ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ। ଏପରି କି ପ୍ରଶାସନ ମଧ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉନାହିଁ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ।

### ୩୦ରେ ପାଳନ ହେବ ଯୁବ ଉତ୍ସବ

**ସମ୍ବଲପୁର,୨୩।୯(ବ୍ୟୁରୋ):** ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ତରଫରୁ ଆସନ୍ତା ୩୦ ତାରିଖରେ ଜିଲାସ୍ତରୀୟ ଯୁବ ଉତ୍ସବ ଆୟୋଜିତ ହେବ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତପସ୍ୱିନୀ ଅଡିଟୋରିୟମରେ ଉତ୍ସବ ଅନୁଷ୍ଠିତ ହେବ। ଇଂରାଜୀ ବା ହିନ୍ଦୀ କବିତା ଲିଖନ, ଚିତ୍ରାଙ୍କନ, ଫଟଗ୍ରାଫି, ବକ୍ତୃତା, ଲୋକ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ। ସକାଳ ୯ଟାରେ ନାମ ପଞ୍ଜୀକରଣ ପରେ ବିଭିନ୍ନ ପ୍ରତିଯୋଗିତା ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ହଲ, ତପସ୍ୱିନୀ ପ୍ରେକ୍ଷାଳୟ, ପବ୍ଲିକ ଲାଇବ୍ରେରିରେ ଅନୁଷ୍ଠିତ ହେବ। ବୈଠକରେ ଅନ୍ୟମାନଙ୍କ ମଧରେ ଜିଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗ, ଜିଲା କ୍ରୀଡା ଅଧିକାରୀ ଜୟଶ୍ରୀ ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ଜାତୀୟ ସେବା ଯୋଜନାର ଜିଲା ଅଧିକାରୀ ଡ. ବିଶ୍ୱ ମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଉଚ୍ଚ ମାଧମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ

**ଝାରସୁଗୁଡ଼ା ଅଫିସ,୨୩।୯:** ପ୍ରଦୋଷ କୁମାର ସ୍ମୃତିସ୍ମାରକୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧକ୍ଷ ପ୍ରଦୀପ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ସ୍ୱାଗତ ସମାରୋହ ଓ ଶିକ୍ଷକ ଅଭିଭାବକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ଦୁଇ ପ୍ରଥମବର୍ଷର ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସ୍ୱାଗତ କରି ସେମାନଙ୍କ ସହଯୋଗ କାମନା କରାଯାଇଥିଲା। ଅଭିଭାବକମାନେ ମଧ ସେମାନଙ୍କ ଅଭିମତ ପ୍ରଦାନ କରିଥିଲେ। ସାଂସ୍କୃତିକ ଉପଦେଷ୍ଟା ଶିକ୍ଷା ବିଭାଗର ଅଧାପିକା ମନ୍ଦାକିନୀ ଶତପଥୀ ସଭା ପରିଚାଳନା କରିଥିଲେ। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଛାତ୍ରୀଛାତ୍ର ପାଠ ପଢ଼ିବା ସହ ଆତ୍ମଶୃଙ୍ଖଳା ରକ୍ଷା କରିବା ଉପରେ ଅଧକ୍ଷ ଓ ଅଧାପକ ମତପ୍ରକାଶ କରିଥିଲେ। ଅଧାପକ ରକ୍ମଣ ପଟେଲ ନୈତିକତା ଶିକ୍ଷା ଓ ବୃନ୍ଦାବନ ମେହେର ଅନୁଷ୍ଠାନର ନୀତିନିୟମ ବିଷୟରେ ଆଲୋକପାତ କରିଥିଲେ। ଅଧାପକ କୃଷ୍ଣଶ୍ୟାମ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଶିଶୁ ସୁରକ୍ଷା ଖୋଲାମଞ୍ଚ

**କୁଚିଣ୍ଡା,୨୩।୯(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଅର୍ଡବାହାଲ ପଞ୍ଚାୟତ ଜୟପୁରଗଡ଼ ଗ୍ରାମରେ ଚାଇଲ୍ଡଲାଇନ ପକ୍ଷରୁ ଶିଶୁ ସୁରକ୍ଷା ସମ୍ପର୍କିତ ଖୋଲାମଞ୍ଚ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାର୍ଡସଭ୍ୟା ବିମଳା ନାଏକ, ଦୀନବନ୍ଧୁ ନାଏକ, ତେଜରାଜ ନାଏକ, ଶିକ୍ଷକ ଉମେଶ ଚନ୍ଦ୍ର ନାୟକ, ଅଙ୍ଗନୱାଡି କର୍ମୀ ଜୟନ୍ତୀ ଦଣ୍ଡିଆ, ଜୟନ୍ତୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଚାଇଲ୍ଡଲାଇନ କର୍ମୀ ନାମାନି ହେମ୍ବ୍ରମ ଶିଶୁ ସୁରକ୍ଷା ଭିତ୍ତିକ ସରକାରୀ ଯୋଜନା ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ତତ୍ତ୍ୱାବଧାନରେ ପରିଚାଳିତ ଯୋଜନା ସମ୍ବନ୍ଧରେ ଅବଗତ କରିଥିଲେ। ଏହାସହିତ କିଶୋରୀ କିଶୋରଙ୍କ ସାସ୍ଥ୍ୟ, ପୌଷ୍ଟିକ ଖାଦ୍ୟ ସହିତ ବାଲ୍ୟ ବିବାହ ଏବଂ ଦଣ୍ଡ ବିଧାନ ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରିଥିଲେ।

# ଡିଏଚ୍‌ଏଚ୍ ସମସ୍ୟା ନେଇ ଉଦ୍‌ବେଗ

**ସମ୍ବଲପୁର,୨୩।୯(ବ୍ୟୁରୋ)**


ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ।

ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସର ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅନନ୍ୟା ଦାସ ଅଧକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ସମସ୍ୟା ନେଇ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକରି ଡିଏଚ୍‌ଏଚ୍ ମଧରେ ଟ୍ରାଫିକ ସମସ୍ୟା, ଡ୍ରେନ୍ ସଫେଇ, ସାଇନ ବୋର୍ଡ ଲଗାଇବା, ବିଭିନ୍ନ ନବୀକରଣ କାମ, କର୍ମଚାରୀ ସମସ୍ୟା ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗକୁ ଗୁରୁତ୍ୱ ଦେଉଥିବାରୁ ଆମ ସମସ୍ତଙ୍କୁ ଏକ ଟିମ୍ ଭାବେ କାମ କରି ଡାକ୍ତରଖାନାର ସମସ୍ତ ଭିତ୍ତିଭୂମି ଉନ୍ନତ କରିବା ସହ କିଭଳି ରୋଗୀ ଉତ୍ତମ ସେବା ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ

**ରୋଗୀ କଲ୍ୟାଣ ସମିତି ବୈଠକ**

ଦାସ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟ ଜିଲାରେ ଡେଙ୍ଗୁ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସେଥିପ୍ରତି ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସ୍ଥାନରେ ଯେଭଳି ପାଣି ନ ଜମେ ସେଥିପ୍ରତି ଗୁରୁତ୍ୱ ଦେବା ସହ ଡ୍ରେନ ସଫା, ଡେଙ୍ଗୁ ମଶାଙ୍କୁ ସୁହାଉଥିବା ସ୍ଥାନଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରିବା, ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଇତ୍ୟାଦି ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପଙ୍କଜ କୁମାର ପଟେଲ, ଡିପିଏମ୍, ଏନ୍‌ଏଚ୍‌ଏମ୍ ମୌସୁମୀ ମିଶ୍ର, ହସ୍ପିଟାଲ ମ୍ୟାନେଜରଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଦସ୍ୟ ଉପସ୍ଥିତ ଥିଲେ।

## ନମ୍ବର ପ୍ଲେଟ୍ ବଦଳାଇ ଗଞ୍ଜେଇ ଚାଲାଣ

**ସମ୍ବଲପୁର,୨୩।୯(ବ୍ୟୁରୋ)**

ଅବକାରୀ ବିଭାଗକୁ ଚକ୍‌ମା ଦେବା ପାଇଁ ଗଞ୍ଜେଇ ମାଫିଆମାନେ ଗାଡିରେ ଏକାଧିକ ନମ୍ବରପ୍ଲେଟ ବ୍ୟବହାର କରୁଥିଲେ। ଶୁକ୍ରବାର ୩ଜଣ ଗିରଫ ହେବା ପରେ ଏହି ଘଟଣା ପଦାକୁ ଆସିଛି। ସମ୍ବଲପୁର-ସୋନପୁର ରାସ୍ତାରେ ଛତିଶଗଡ ନମ୍ବର ଥିବା ଏକ କାର୍‌କୁ ଅବକାରୀ ବିଭାଗ ତନଖି କରି ୪୦ କିଲୋ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ। ଚୋରାଚାଲାଣ ହେଉଥିବା ଗାଡିରେ ୨ ଗୋଟି ଭିନ୍ନ ଭିନ୍ନ ନମ୍ବର ପ୍ଲେଟ ଥିଲା। ଓଡିଶା ନମ୍ବର ପ୍ଲେଟ ଓଡି୨୩କେ-୨୭୬୦ ଓ ଅନ୍ୟ ଗୋଟିଏ ନମ୍ବର ପ୍ଲେଟ ଛତିଶଗଡ଼ ରାଜ୍ୟ ର ସିଏଚ୧୪କେ-୫୭୧୦ ଥିଲା। ଶାସନ ନିକଟରେ ଏହି ଗାଡି ସହ ଗଞ୍ଜେଇକୁ ଅବକାରୀ ବିଭାଗ ଜବତ କରିଥିଲା। ଆଗକୁ ଚଢ଼ାଉ ଜୋରଦାର କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

# ଏମ୍‌ପିଙ୍କୁ ସ୍ୱାଗତ କଲା ଦଳିତ ସୁରକ୍ଷା ପରିଷଦ

**ସମ୍ବଲପୁର,୨୩।୯(ବ୍ୟୁରୋ)**



ସଭାରେ ଏମ୍‌ପି ନିରଞ୍ଜନ ବିଶି ଓ ସୁରକ୍ଷା ପରିଷଦ କର୍ମକର୍ତ୍ତା ।

ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କୁ ସ୍ୱାଗତ କରାଯାଇଛି। ସାଂସଦ ବିଶି ମୁଦିପଡା ଛକଠାରେ ବିଆର୍ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରିଷଦର ଜିଲା ଆବାହକ ଆଶିଷ ମହାନନ୍ଦଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ଶୋଭାଯାତ୍ରାରେ ତାଙ୍କୁ ଓଡ଼ିଶା ସାଂସ୍କୃତିକ ସମାଜ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ସଂଗଠନ କର୍ମକର୍ତ୍ତାଙ୍କ ସମତେ ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ଦଳିତ ସୁରକ୍ଷା ପରିଷଦ ଉପସଭାପତି ରୁପାଞ୍ଜଳି ରଣବିରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଷଦ ଅଧକ୍ଷ ନିହାଲ ସିଂ ପରିଚାଳନା କରିଥିଲେ। ସାଂସଦ ଉଦ୍‌ବୋଧନ ଦେଇ ସମ୍ବଲପୁର ସମେତ ସମଗ୍ର ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଉଦ୍ୟମ କରୁଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ ସହ ବିଭିନ୍ନ ସମସ୍ୟା ସମାଧାନ କରିବା ତାଙ୍କର ପ୍ରାଥମିକତା ବୋଲି କହିଥିଲେ। ପରିଷଦର ମହାସଚିବ ମୋମିନା ଖାତୁନ, ଉପ ମହାସଚିବ ଅନିଲ ପାଣିଗ୍ରାହୀଙ୍କ ସମେତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ବିଦ୍ୟାଳୟରେ ଆନ୍ତର୍ଜାତିକ ସାଙ୍କେତିକ ଦିବସ

**ଝାରସୁଗୁଡ଼ା ଅଫିସ,୨୩।୯**

ସ୍ଥାନୀୟ ବୁରୋମାଲ ବୁଡାପଡାସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟରେ ମୁକ ବଧିରଙ୍କ ଭାବନା ପରିପ୍ରକାଶ ପାଇଁ ସାଙ୍କେତିକ ଭାଷା ବ୍ୟବହାର କରାଯାଇଥାଏ । ଏହାକୁ ଲୋକାଭିମୁଖୀ କରିବା ପାଇଁ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଆଦେଶ ଅନୁଯାୟୀ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟରେ ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ ଆରମ୍ଭ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ ମୁଖ୍ୟଅତିଥି, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ଗୋପ ଲକ୍ଷ୍ମୀ ହୋତା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକରିଣୀ ପ୍ରତିଭା ବେହେରା, ଜିଲା ମୁକ ବଧିର ସଂଘ ସଭାପତି ତାପସ ରାୟ ଚୌଧୁରୀ, ଜିଲା ଦିବ୍ୟାଙ୍ଗ ମହାସଂଘ ସଭାପତି ଡା. ପ୍ରକାଶ ଚନ୍ଦ୍ର ରଣା ସମ୍ମାନିତ ଅତିଥି ଓ ଆନ୍ତର୍ଜାତିକ ସାଙ୍କେତିକ ଭାଷାବିତ ପ୍ରକାଶ କୁମାର ତିୱାରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସ୍କୁଲ ପ୍ରଶାସକ ଶିକ୍ଷାବିତ ଅନନ୍ତରାମ ସାହୁ ସଭାପତିତ୍ୱ କରିଥିବାବେଳେ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ସଭା ପରିଚଳନା କରିଥିଲେ। ବିଦ୍ୟାଳୟ ଅଧକ୍ଷା ମମତା ଦାଶ ବିବରଣୀ ରଖିଥିଲେ। ସଚିବ ହରିଶଙ୍କର ପୁରୋହିତ ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ସୂଚନା ଦେଇଥିଲେ। ସାଙ୍କେତିକ ଭାଷାରେ କୁଇଜ୍ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

## ଭାଜପା ଲଖନପୁର ମଣ୍ଡଳ ସାଙ୍ଗଠନିକ ବୈଠକ

**ଝାରସୁଗୁଡା ଅଫିସ,୨୩।୯**

ଲଖନପୁର ଭାଜପା କାର୍ଯ୍ୟାଳୟରେ ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନକୁ କିପରି ସୁଦୃଢ଼ କରାଯିବ ସେ ସମ୍ପର୍କରେ ଜିଲା ସଭାପତି ସାହୁ ଜିଲା ଓ ମଣ୍ଡଳ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମ ଦିବସ ଉପଲକ୍ଷେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ କିଭଳି ସଫଳତାର ସହ କରାଯିବ ସେ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ମଣ୍ଡଳର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜକୁମାର ସାହୁ ସଭାପତି, ଅଶ୍ୱିନୀ ଭୋଇ ଓ ଗୋବିନ୍ଦ ମେହେର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ କର୍ମକର୍ତ୍ତା ଆଗାମୀ ଦିନରେ ମଣ୍ଡଳର ସଂଗଠନକୁ ଅଧିକ ସୁଦୃଢ କରିବା ପାଇଁ ପ୍ରୟାସ କରିବେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧରେ ପିତାମ୍ବର ମିଶ୍ର, ରଘୁନନ୍ଦନ ପଣ୍ଡା, ଉତ୍ତମ ନେଗୀ, ଅଶ୍ୱିନୀ ପ୍ରଧାନ, ନିଳାଞ୍ଚଳ ସା, ହୃଦାନନ୍ଦ ବିଶି ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ନିଯୁକ୍ତି ମେଳା

**ଜମନକିରା,୨୩।୯(ଡି.ଏନ.ଏ.):** ଜମନକିରା ବ୍ଲକ ପରିସରରେ ଓର୍ମାସ ତରଫରୁ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ୨୧ ପଞ୍ଚାୟତରୁ ୧୭୦ ଜଣ ପ୍ରାର୍ଥୀ, ପ୍ରାର୍ଥିନୀ ନାମ ପଞ୍ଜୀକରଣ କରିଥିଲେ। ୩୧ ଜଣ ସିଲେଇ, ୨୦ ଜଣ ରିଟେଲ ସେଲ୍ସ ଓ ୨୨ଜଣ ଇଲେକ୍ଟ୍ରିକାଲ ତାଲିମ ପାଇଁ ଦରଖାସ୍ତ ଦାଖଲ କରିଥିଲେ। ଓର୍ମାସ ଜିଲା ସଂଯୋଜକ ମନିସ ମହାନ୍ତି ପ୍ରାର୍ଥୀମାନଙ୍କୁ ତାଲିମ ଓ ନିଯୁକ୍ତି ବିଷୟରେ ଅବଗତ କରିଥିଲେ। ଗ୍ରାମାଞ୍ଚଳର ଶିକ୍ଷିତ, ଯୁବତୀଯୁବକଙ୍କୁ ତାଲିମ ଦେଇ ରୋଜଗାର କ୍ଷମ କରାଇବା ମେଳାର ମୁଖ୍ୟ ଉଦ୍ଦେଶ୍ୟ। ବ୍ଲକ ଅଧକ୍ଷା ଅଶ୍ରିତା ଭୋଇ ମୁଖ୍ୟଅତିଥି ଓ ଜିଲା ପରିଷଦ ଜୋନ ୧ ସୁଜାତା ଖୁଣ୍ଟିଆ, ବିଡ଼ିଓ ଟୁନୁ ମେହେର, ଉପାଧକ୍ଷ ରୋହିତ ଭୋଇ ଅତିଥି ଭାବେ ମଞ୍ଚାସୀନ ଥିଲେ। ମିଶନ ଶକ୍ତିର ବିଷ୍ଣୁ ପ୍ରସାଦ ଦେହୁରି ସଭା ପରିଚାଳନା କରିଥିଲେ।

# ଦୁର୍ଗାପୂଜା ନିମନ୍ତେ ଶାନ୍ତି କମିଟି ବୈଠକ

**ସମ୍ବଲପୁର,୨୩।୯(ବ୍ୟୁରୋ)**

ଚଳିତବର୍ଷ ଦୁର୍ଗାପୂଜା ଯେଭଳି ଶୃଙ୍ଖଳିତ ଭାବେ ପାଳନ ହେବ ସେଥିନିମନ୍ତେ ଶୁକ୍ରବାର ଜିଲା ପ୍ରଶାସନ ତରଫରୁ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ ବୈଠକରେ ଅଧକ୍ଷତା କରିଥିବା ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ କହିଛନ୍ତି। ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ନିରନ୍ତର ଜାରି ରହିବା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି କଳାବଜାର ରୋକିବା, ନବମୀ, ଦଶମୀ ଓ ବିସର୍ଜନ ଦିନ ମଦ ଦୋକାନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଡିଜେ ସାଉଣ୍ଡ ଧାର୍ଯ୍ୟ ପରିମାଣଠାରୁ ଅଧିକ ନ କରିବାକୁ ପୋଲିସ ତରଫରୁ କୁହାଯାଇଛି। ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଡିଜେ ସିଜ୍ କରାଯିବ ବୋଲି ପୋଲିସ କହିଛି। ବୈଠକରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଡେପୁଟି କଲେକ୍ଟର ଜୟଶ୍ରୀ ପାଢ଼ୀ, ଅତିରିକ୍ତ ଏସ୍‌ପିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ପୂଜା କମିଟି ସଦସ୍ୟ, ଖବରଦାତା ଉପସ୍ଥିତ ଥିଲେ।


ବୈଠକରେ ପ୍ରଶାସନିକ ଅଧିକାରୀ, ପୂଜା କମିଟି କର୍ମକର୍ତ୍ତା।

## ପ୍ରତିଭା ବିକାଶ ଅଭିଯାନର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି।

**ଜମନକିରା,୨୩।୯(ଡି.ଏନ.ଏ.)**

ଜମନକିରା ବ୍ଲକ ଟାଙ୍ଗରାଣି ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ମାଟ୍ରିକ ପରୀକ୍ଷାରେ ୬ଜଣ ସ୍କୁଲ ଟପ୍ପରଙ୍କ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ପୂର୍ବତନ ବିଧାୟକ ବୃନ୍ଦାବନ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାମାଜିକ କର୍ମୀ ଡା. ହୃଦାନନ୍ଦ ନାୟକ ମୁଖ୍ୟଅତିଥି, କୁଚିଣ୍ଡା ପ୍ରତିଭା ବିକାଶ ଅଭିଯାନର ସଭାପତି ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଯାନର ଉଦ୍ୟମକୁ ପ୍ରଶଂସା କରିଥିଲେ। କୃତୀ ଛାତ୍ରୀ ପୂଜା ରୋହିଦାସ, ରଞ୍ଜିତ ନାଏକ, ନଳିନୀ କୁଜୁର, ବୁଲିକା ବର୍ଡିଙ୍ଗାଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଭରପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ରତନ ଲାଲ ସିଂ, ସରପଞ୍ଚ ନରେଶ ନାଏକ, ସମିତି ସଭ୍ୟ ତଥା ପୂର୍ବତନ ଅଧକ୍ଷା ଜେମାଦେଇ ମାଝି, ଅଧାପକ ସତ୍ୟ ନାରାୟଣ ପଟେଲ, ଭୋଜପୁର କଲେଜ ଖେଳ ଶିକ୍ଷକ ଦେବେନ୍ଦ୍ର ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆବାହକ ପ୍ରଭାତ ବେହେରା ଅଭିଯାନର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସହକାରୀ ଶିକ୍ଷକ ମାନସ ରଞ୍ଜନ ପଟେଲ ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

**ଝାରସୁଗୁଡ଼ା ଅଫିସ,୨୩।୯**

ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଉପଜିଲାପାଳ ଦୟାମୟ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସାମଲ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆଇନଶୃଙ୍ଖଳା ରକ୍ଷା ପୂର୍ବକ ପୂଜା ପାଳନ କରିବା ଲାଗି ପୋଲିସ ପ୍ରଶାସନକୁ ସହଯୋଗ ପାଇଁ ଏସ୍‌ପି ଜୈନ କହିଥିଲେ। ଅକ୍ଟୋବର ୭ରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର ହୋଇଛି। ପୂଜା ପୂର୍ବରୁ ରାସ୍ତାଘାଟ ମରାମତି ଓ ଆଲୋକ ବ୍ୟବସ୍ଥା ବ୍ୟବସ୍ଥିତ କରିବା ସକାଶେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ନାୟକ ସୂଚନା ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ପୂଜା କମିଟି କର୍ମକର୍ତ୍ତା।

# ରାଜପ୍ରାସାଦ ଢାଞ୍ଚାରେ ମୁଖ୍ୟ ତୋରଣ

**ସମ୍ବଲପୁର,୨୩।୯(ବ୍ୟୁରୋ)**


ଧନୁପାଲି ଦୁର୍ଗାପୂଜା ପାଇଁ ମୁଖ୍ୟତୋରଣ ନିର୍ମାଣ କରାଯାଉଛି




ସମ୍ବଲପୁର ଧନୁପାଲି ସାର୍ବଜନୀନ ଦୁର୍ଗାପୂଜା ୧୯୭୪ ମସିହାରୁ ଆରମ୍ଭ ହୋଇଥିଲା। କମିଟି ପ୍ରତିଯୋଗିତା ମୂଳକ ମନୋଭାବ ରଖି ତୋରଣ ଓ ଆଲୋକସଜ୍ଜାକୁ ପ୍ରାଧାନ୍ୟ ଦେଇଆସୁଛି। ଚଳିତବର୍ଷ ମୁଖ୍ୟ ତୋରଣ କଳ୍ପିତ ରାଜପ୍ରାସାଦ ଢ଼ାଞ୍ଚାରେ ନିର୍ମାଣ କରାଯାଉଛି । ୭୦ଫୁଟ ଉଚ୍ଚତା ଓ ୪୫ଫୁଟ ଚଉଡ଼ା ତୋରଣକୁ ଯାଜପୁର କୁଆଖାଇର ୨୦ଜଣ କାରିଗର ତିଆରି କରିବାରେ ଲାଗିଛନ୍ତି। ଚଳିତ ବର୍ଷ ବ୍ୟୟଅଟକଳ ୧୭ଲକ୍ଷ ରହିଛି। ୬ଟି ସୁଉଚ୍ଚ ବିଦ୍ୟୁତ୍ ତୋରଣ, ୪୦ଟି ପାର୍ଶ୍ୱ ତୋରଣ ସହ ଧନୁପାଲି ଛକ ଅଞ୍ଚଳକୁ ବିଜୁଳି ମାଳାରେ ଆଚ୍ଛାଦିତ କରାଯିବ। କଟକର ଶିଳ୍ପୀ କୁଳମଣୀ ବେହେରା ଦେବୀ ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ତିଆରି କରୁଛନ୍ତି। ଷଷ୍ଠୀ ତିଥିରେ ବିଲ୍ୱବରଣ ସହ କଳସ ଯାତ୍ରା ଓ ଅଧିବାସ ହେବ। ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ମଧାହ୍ନ ୧୨ଟାରୁ ଭକ୍ତମାନଙ୍କୁ ଖିଚିଡ଼ି ଭୋଗ ବଣ୍ଟନ କରାଯିବ। ଅଷ୍ଟମୀ ଦିନ ଭାଇ ଜିଉନ୍ତିଆ ଲାଗି କମିଟି ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ଫଳରେ ଉପବାସ କରୁଥିବା ଭଉଣୀମାନେ ସୁବିଧାରେ ଦେବୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିପାରିବେ। ନବମୀ ତିଥିରେ ନବକୁମାରୀ ପୂଜାର୍ଚ୍ଚନା ହୋଇଥାଏ। ପୂଜକ ନିରଞ୍ଜନ ଷଡ଼ଙ୍ଗୀ ପୂଜାର୍ଚ୍ଚନା ଓ ଅଭିଜିତ ଶର୍ମା କର୍ତ୍ତା ଦାୟିତ୍ୱ ସମ୍ପାଦନ କରିବେ। ଦଶମୀ ତିଥିରେ ଘଟ ବିସର୍ଜନ କାର୍ଯ୍ୟକ୍ରମ ରହିଛି। ଶୋଭାଯାତ୍ରାରେ ବିଜେପୁରର ଝାଞ୍ଜ, ସୁନ୍ଦରଗଡ଼ର ଆଦିବାସୀ କରମା ନୃତ୍ୟ, ମିକ୍ସଚର ଦୁଲଦୁଲି ୨ଦଳ, ବଲାଙ୍ଗୀରର ଘଣ୍ଟ ଦଳ ଓ ଡଙ୍କା ବାଦ୍ୟ ସାମିଲ ହେବ ବୋଲି ସହ କୋଷାଧକ୍ଷ ଚୈତନ୍ୟ କୁମାର ନାୟକ ସୂଚିତ କରିଛନ୍ତି। ଧନୁପାଲି ଦୁର୍ଗାପୂଜା କମିଟି ସଭାପତି ପ୍ରତାପ ବେହେରା କହିଛନ୍ତି, ୧୯୭୪ ମସିହାରେ ଅଞ୍ଚଳର ଅକ୍ଷୟ ମହାନ୍ତି, ମକରଧ୍ୱଜ ବେହେରା, କ୍ରିଷ୍ଣା ପାଢ଼ୀ, ଉପେନ୍ଦ୍ର ମାଝିଙ୍କ ଉଦ୍ୟମରେ ଦୁର୍ଗାପୂଜାର ମୂଳଦୁଆ ପଡ଼ିଥିଲା। ବର୍ତ୍ତମାନ ୫୦ଜଣ ସଭ୍ୟ କମିଟିରେ ରହିଛନ୍ତି। ଅଞ୍ଚଳବାସୀଙ୍କ ଆର୍ଥିକ ସହାୟତାରେ ଦୁର୍ଗାପୂଜା ସ୍ୱତନ୍ତ୍ର ପରିଚୟ ବହନ କରିଆସୁଅଛି। ଉପସଭାପତି ଦିଲୀପ ମହାନନ୍ଦ, ସମ୍ପାଦକ ସୁନିଲ ସାନବଡ଼, କୋଷାଧକ୍ଷ ଶ୍ରୀକାନ୍ତ ପାତ୍ର, ସହସମ୍ପାଦକ ମହେଶ ପଟେଲ ଓ ତନୟ ପାଣିଗ୍ରାହୀଙ୍କ ସମେତ କମିଟିର ସଭ୍ୟମାନେ ନିଜ ଦାୟିତ୍ୱ ନିର୍ବାହ କରିବାରେ ଲାଗିପଡ଼ିଛନ୍ତି।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୪ ସେପ୍ଟେମ୍ବର, ୨୦୨୨



## ଗଜଲକ୍ଷ୍ମୀ ପୂଜା ଶୁଭସ୍ତମ୍ଭ ସ୍ଥାପନ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଗାନ୍ଧୀଛକ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆଗାମୀ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପୂଜକ ଶଙ୍କର ବେଜ ପୂଜାମଣ୍ଡପରେ ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରିଥିଲେ । ଏହି ଅବସରରେ ପୂଜା କମିଟି ସଭାପତି ବବଲୁ ଦଲାଇ, ଉପସଭାପତି ନିବାସ ମହାରଣା, ସମ୍ପାଦକ ବ୍ରଜମୋହନ ବିଶୋଇ, କୋଷାଧ୍ୟକ୍ଷ କୁନା ଭୋଇ, ଆସିଶ ଦଲାଇ, ଅଶ୍ୱିନୀ କୁମାର ମେହେରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ପଡାବାସୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଚକଡ଼ା ଉପରେ ସଚେତନତା

**ସିନାପାଲି,୨୩।୯(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ କୃଷି ବିଭାଗ ପକ୍ଷରୁ ଚକଡା ରୋଗ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଦିନର ତାପମାତ୍ରା ବୃଦ୍ଧି ଯୋଗୁ ଧାନ ଚାଷରେ ଚକଡା ରୋଗର ପାଦୁର୍ଭାବ ବଢିବାରେ ଲାଗିଛି। ଚକଡା ରୋଗର ନିୟନ୍ତ୍ରଣ ଉପରେ ସିନାପାଲି କୃଷି ବିଭାଗ ଦ୍ୱାରା ଗତ ୨୦ ତାରିଖରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ କୃଷି ଜିଲା ଅଧିକାରୀ ସମରେଶ ଚନ୍ଦ୍ର ବେହେରା, ଜିଲାର କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ, ସିନାପାଲି ବ୍ଲକ କୃଷି ଅଧିକାରୀ ସୁଧାଂଶୁ ମେହେରଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସିନାପାଲି ଅଞ୍ଚଳର ଟିମନପୁର, ନିଲଜି, ସିନାପାଲି ସହ ବିଭିନ୍ନ ପଞ୍ଚାୟତର ଚାଷୀମାନଙ୍କ ସାଥି ଚକଡା ରୋଗ ନିୟନ୍ତ୍ରଣ ଉପରେ ଆଲୋଚନା କରିଥିଲେ। ଏହି ରୋଗର ନିୟନ୍ତ୍ରଣ କରିବା ପାଇଁ ଧାନ ଜମିରେ ପୂର୍ବ-ପଶ୍ଚିମ ବାନ୍ଧି କରିବା ୟୁରିଆ ସାର ପ୍ରୟୋଗ ନ କରିବା ତଥା କୀଟନାଶକର ଧାନଗଛ ମୂଳରେ ପ୍ରୟୋଗ କରିବା ପାଇଁ ଚାଷୀମାନଙ୍କୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ବୁଝାଇଥିଲେ।

### ଉପଖଣ୍ଡସ୍ତରୀୟ ଡାକ ମେଳା

**ଖଡ଼ିଆଳ,୨୩।୯(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅମଲାପାଲି ଗ୍ରାମଠାରେ ଉପଖଣ୍ଡସ୍ତରୀୟ ଡାକ ମେଳା ଅନୁଷ୍ଠିତ ହୋଇଥିଲା। ମେଳାରେ ମୁଖ୍ୟଅତିଥି ଭାବେ ଅରେଡା ସରପଞ୍ଚ ପ୍ରତିମା ପୁଞ୍ଜି ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ନୃପତି ମଲ୍ଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ କୁନ୍ତୀ ଶତନାମୀ, ଅମଲାପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଦାସ, ପୋଷ୍ଟାଲ ଇନ୍ସପେଟର ରବୀନ୍ଦ୍ର ବେହେରା, ଜୈଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଡାକ ମେଳାରେ ବାଦୀ ଓ ଅରେଡା ଗ୍ରାମପଞ୍ଚାୟତର ଅଙ୍ଗନୱାଡି କର୍ମୀ, ଗ୍ରାମବାସୀ ତଥା ବୁଦ୍ଧିଜୀବୀମାନେ ଯୋଗଦାନ କରିଥିଲେ। ଉପଖଣ୍ଡସ୍ତରୀୟ ଡାକ ଜୀବନ ବୀମା ଅଧିକାରୀ ଅଭିଷେକ ପଣ୍ଡା ଉପସ୍ଥିତ ଲୋକମାନଙ୍କୁ ଜୀବନ ବୀମାର ବିଭିନ୍ନ ସ୍କିମ ଉପରେ ଯଥା ସ୍ୱଳ୍ପ ଜମା, ପ୍ରତିଦିନ ସ୍କିମ, ସୁକନ୍ୟା ଯୋଜନା, ଗୋଷ୍ଠି ବୀମା ଯୋଜନା ପ୍ରମୁଖ ଉପରେ ବୁଝାଇଥିଲେ। ଅରେଡା ଡାକ କର୍ମଚାରୀ ତଲ୍ୟପତି ତ୍ରୀମନ୍ତ ତାଣ୍ଡି ସହଯୋଗ କରିଥିଲେ।

### ସ୍ୱଚ୍ଛତା ଦିବସ ପାଳନ ଶୁଭାରମ୍ଭ

**କେସିଙ୍ଗା,୨୩।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗାନ୍ଧୀ ଜୟନ୍ତୀକୁ ଦୃଷ୍ଟିରେ ରଖି ସ୍ୱଚ୍ଛତା ଦିବସ ଶୁକ୍ରବାରଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କେସିଙ୍ଗା ବ୍ଲକ ଅଫିସରେ ଆରମ୍ଭ କରାଯାଇଛି ସ୍ୱଚ୍ଛତା ଦିବସ। କାର୍ଯ୍ୟକ୍ରମ ବିଡିଓ ପ୍ରଫୁଲ୍ଲ ଅଦୁ ଓ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ବ୍ଲକ ପକ୍ଷରୁ ଏକ ସ୍ୱଚ୍ଛତା ରଥ ବ୍ଲକ ଅଧକ୍ଷ ଉଦ୍‌ଘାଟନ ପରେ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ସଚେତନତା ପାଇଁ ପରିକ୍ରମା କରିବ ବୋଲି ଜଣାପଡ଼ିଛି। ସ୍ୱଚ୍ଛତା ଅଭିଯାନ ପରିପ୍ରେକ୍ଷୀରେ ଦୁଇଟି ଆବର୍ଜନା ସଂଗ୍ରହ ରିକ୍ସା ବିଡିଓ ନିଜେ ଚଳାଇ ଶୁଭାରମ୍ଭ କରିଥିଲେ। ସେହିପରି କସୃପ ଗ୍ରାମପଞ୍ଚାୟତ ଅଫିସରେ ଏକ ସ୍ୱଚ୍ଛତା ସଚେତନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

### ହୋଟେଲରେ ଧନ୍ଦାମୂଳକ ଶିକ୍ଷା ନେଲେ ଛାତ୍ରୀଛାତ୍ର

**ଟିଟିଲାଗଡ,୨୩।୯(ଡି.ଏନ.ଏ.):** ଟିଟିଲାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଶୁକ୍ରବାର ବନ୍ଧୁପଲା ଡି. ଏନ. ରିସୋର୍ଟ ପରିଦର୍ଶନ କରିଥିଲେ। ଧନ୍ଦାମୂଳକ ପ୍ରଶିକ୍ଷକ ବିକାଶ ସୁନା ଓ ଆଇଟି ପ୍ରଶିକ୍ଷକ ଶାନ୍ତନୁ କୁମାର ଷଡଙ୍ଗୀ, ପୂର୍ବତନ ସଂଯୋଜକ ଜ୍ୟୋତି ପ୍ରକାଶ ଗଡାତ୍ୟାଙ୍କ ତତ୍ତ୍ୱାବଧାନରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଏହି ଶିକ୍ଷାର ଉପଯୋଗିତା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଶିକ୍ଷାର ଗୁଣାତ୍ମକ ଓ ଦକ୍ଷତା ବିକାଶ ପାଇଁ ଏହି କାର୍ଯ୍ୟକ୍ରମର ଆବଶ୍ୟକତାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଦେଷିଲ ଓ ଶିରୁଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ନୃତ୍ୟ ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡସ୍ତରରେ ଆହୁରି ବ୍ୟାପକ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା।

# ବସ୍‌ଷ୍ଟାଣ୍ଡରେ ଟଳି ପଡ଼ିଲେ ଦାଦନ ଶ୍ରମିକ

- ବସ୍‌ରୁ ଓହ୍ଲାଇବା ପରେ ଅସୁସ୍ଥ ହୋଇପଡ଼ିଲେ
- ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ

**କୋକସରା,୨୩।୯(ଡି.ଏନ.ଏ.)**

ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ ସ୍ୱାମୀ, ସ୍ତ୍ରୀ। ଦେହ ଅସୁସ୍ଥ ହେବାରୁ ଗୁରୁବାର ଘରକୁ ବାହାରିଥିଲେ। ଶୁକ୍ରବାର ଏକ ବସ୍ ଯୋଗେ ଘରକୁ ଫେରୁଥିବା ବେଳେ ଆମପାଣିଠାରେ ଓହ୍ଲାଇବା ପରେ ହଠାତ ଅସୁସ୍ଥ ହୋଇ କିଛି ସମୟ ପରେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୁନାଗଡ଼ ଥାନା ଦାସିଗାଁ ତାଳପଦର ଗାଁର ଜଳଧର ନିଆଲ (୫୫)। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋକସରା ବ୍ଲକ ଆମପାଣି ବସଷ୍ଟାଣ୍ଡଠାରେ। ମିଳିଥିବା ସୂଚନା ମୁତାବକ, ଜୁନାଗଡ଼ ଥାନା ଦାସିଗାଁ ତାଳପଦର ଗାଁର ଜଳଧର ନିଆଲ ଏବଂ ତାଙ୍କର ସ୍ତ୍ରୀ ସୁଶିଳା ନିଆଲ ଦେଢ଼ ମାସ ତଳେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ଦେହ ଅସୁସ୍ଥ ହେବାରୁ ଗୁରୁବାର ଘରକୁ ବାହାରିଥିଲେ। ଏକ ଘରୋଇ ବସ ଯୋଗେ ଆସି ଶୁକ୍ରବାର ଏଠାରେ ପହଞ୍ଚିଥିଲେ। ହେଲେ ବସ୍ ସିନାପାଲି ଯାଉଥିବା ବେଳେ ଆମପାଣି ବସ୍‌ଷ୍ଟାଣ୍ଡରେ ସେମାନେ ଓହ୍ଲାଇଥିଲେ। ଏହାର କିଛି ସମୟ ପରେ ଜଳଧର ଅସୁସ୍ଥ ହୋଇପଡ଼ିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ କିଛି ଦିନ ହେବ ଜଳଧରଙ୍କୁ ଜ୍ୱର ହେଉଥିବା ନେଇ ସ୍ତ୍ରୀ ସୁଶିଳା କହିଛନ୍ତି। ତେବେ ମୃତଦେହ ବସଷ୍ଟାଣ୍ଡରେ ଦୀର୍ଘ ସମୟ ଧରି ପଡ଼ିରହିବା ପରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଆମପାଣି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। କୋକସରା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାରଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଆମପାଣି ଥାନାରେ ଏକ ମାମଲା (ନଂ. ୬/୨୨) ରୁଜୁ ହୋଇଛି।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

**ଲାଠୋର,୨୩।୯(ଡି.ଏନ.ଏ.)**

ତେଲଙ୍ଗାନାରେ ମୃତ ଦାଦନ ଶ୍ରମିକ ଘନଶ୍ୟାମ ଶବର(୫୦)ଙ୍କ ମୃତଦେହ ଶୁକ୍ରବାର ତାଙ୍କ ଗାଁ ବଲାଙ୍ଗୀର ଜିଲା ଲାଠୋର ଥାନା ଜାମଟୁଆଁ ଗ୍ରାମରେ ପହଞ୍ଚିଥିଲା। ଅପରାହ୍ନରେ ଏକ ଶୋକାକୁଳ ପରିବେଶରେ ଘନଶ୍ୟାମଙ୍କ ଅନ୍ତିମ ସତ୍କାର କରାଯାଇଛି। ପରିବାର ବର୍ଗ ସହଜେ ଗ୍ରହଣ କରିପାରୁ ନାହାନ୍ତି। ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକାଭାବେ କାର୍ଯ୍ୟ କରୁଥିବା ସ୍ତ୍ରୀ ବସୁମତି ଶବର ଏବେ ସ୍ୱଳ୍ପ ରୋଜଗାରରେ କିପରି ପରିବାର ଚଳାଇବେ ଭାବି ପାରୁ ନାହାନ୍ତି। ଝିଅ କସ୍ତୁରୀ(୨୦), ଦୁଇ ପୁଅ କରନ(୧୬) ଓ ଶ୍ରୀନାଥ(୧୪)ଙ୍କ ପାଠପଢା ଆଗକୁ ଚାଲି ପାରିବ କି ନାହିଁ ବସୁବତୀ ସନ୍ଦିହାନ ହୋଇ ପଡିଛନ୍ତି। ଘନଶ୍ୟାମଙ୍କ ପରିବାର ବର୍ଗଙ୍କୁ ସରକାରୀ ନିୟମ ଅନୁସାରେ ସହାୟତା ଯୋଗା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗତ ସେପ୍ଟେମ୍ବର ୧୩ତାରିଖରେ ଘନଶ୍ୟାମ ତେଲଙ୍ଗାନା ରାଜ୍ୟ ରଙ୍ଗାରେଡ୍ଡି ଜିଲା ଟୁକୁଗୁଡ଼ାର ମାଲବୁହା ଟ୍ରକ(ଲୋରି) ମାଲିକ ଚନ୍ଦ୍ରୟା ମାଲିକଙ୍କ ଟ୍ରକରେ କାମ କରିବାକୁ ଯାଇଥିଲେ। ଝାଡା ହେଉଥିବାରୁ ହସ୍ପିଟାଲରେ ଭର୍ତ୍ତି କରିଛୁ ବୋଲି ଲୋରି ମାଲିକ ଗତ ବୁଧବାର ଘନଶ୍ୟାମଙ୍କ ପରିବାର ଲୋକଙ୍କୁ ଫୋନ କରି ଜଣାଇ ଏଠାରୁ ଆସି ନେଇଯିବାକୁ କହିଥିଲେ। ଖବର ପାଇ ପରିବାର ଲୋକେ ତେଲଙ୍ଗାନାରେ ପହଞ୍ଚିଲା ବେଳକୁ ଘନଶ୍ୟାମଙ୍କ ମୃତ୍ୟୁ ହୋଇ ସାରିଥିଲା। ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

## ସ୍ୱାବଲମ୍ବୀ ହେବା ଦିଗରେ ଚେଷ୍ଟିତ ହୁଅ

**ଜରାସିଂହା କଲେଜରେ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ**

**ଦେଓଗାଁ,୨୩।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତ ୨ କଲେଜରେ ଶୁକ୍ରବାର ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦ୍ୱିତିୟ ବର୍ଷ ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ବସନ୍ତ କୁମାର ମନହିରା ଛାତ୍ରୀଛାତ୍ରଙ୍କୁ ଚରିତ୍ର ଗଠନ ସହ ସ୍ୱାବଲମ୍ବୀ ହେବା ଦିଗରେ ଚେଷ୍ଟିତ ରହିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାଧାପକ ଧୋବାଇ ଚରଣ ପଟେଲ, ଦୂର୍ବାଦଳ ଘିବେଲା, ମୁକେଶ ପଟ୍ଟନାୟକ, ଅଧାପିକା ଶୁଭଶ୍ରୀ ସାହ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ନମିତା ପଥ୍ରୀମାଲି, ମାନସୀ କଠାର, ଛାତ୍ର ମିଥିଲେଶ ଧରୁଆ, ଗଣେଷ ମେହେର ନିଜସ୍ୱ ଅନୁଭୂତି ପ୍ରକାଶ କରିଥିଲେ। ପ୍ରାଧାପକ ଗୋବିନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଙ୍ଗି ପଡ଼ିଲା ପୁରୁଣା ସ୍କୁଲଘର

**ଖପ୍ରାଖୋଲ,୨୩।୮(ଡି.ଏନ.ଏ.)**



ପୁରୁଣା ସ୍କୁଲ ଘରର ମାଟି ଖପର ଛାତ ଭାଙ୍ଗି ପଡିଛି।



- ଘଟଣାସ୍ଥଳ ପରିଦର୍ଶନ କଲେ ବଡିଓ
- ତୁରନ୍ତ ମରାମତି ନିର୍ଦ୍ଦେଶ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦମେଇପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରୁଣା ଘର ଶୁକ୍ରବାର ଭାଙ୍ଗି ପଡିଛି। ବିଦ୍ୟାଳୟ ପରିସରରେ ଏହି ପୁରୁଣା ଶ୍ରେଣୀଗୃହଟି ଅବ୍ୟବହୃତ ଅବସ୍ଥାରେ ଥିଲା। ମଧ୍ୟାହ୍ନରେ ଶ୍ରେଣୀଗୃହରେ ପଢା ଚାଲିଥିବା ବେଳେ ଭାଙ୍ଗି ପଡିବା ଶୁଣି ଶିକ୍ଷକ, ଛାତ୍ରୀଛାତ୍ର ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ଅଭିଭାବକମାନେ ବିଦ୍ୟାଳୟକୁ ଆସି ଭିଡ ଜମାଇଥିଲେ। ବିଡ଼ିଓ ରଶ୍ମିରଞ୍ଜନ ରାଉତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଭାଙ୍ଗି ପଡିଥିବା ପୁରୁଣା ଗୃହ ପରିଦର୍ଶନ କରିବା ସହ ଏହାର ଆବଶ୍ୟକ ମରାମତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୧୯୧୨ମସିହାରେ ସ୍ଥାପିତ ଏହି ଶତାୟୁ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବାବେଳେ ୭ଜଣ ଶିକ୍ଷକ ଅଛନ୍ତି। ବର୍ତ୍ତମାନ ୧୬୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରଛନ୍ତି। ବିଦ୍ୟାଳୟରେ କେବଳ ତିନୋଟି ପକ୍କା କୋଠରି ଥିବାବେଳେ ପୁରୁଣା ଶ୍ରେଣୀ ଗୃହ ମରାମତି କରି ଦୁଇଟି ଶ୍ରେଣୀରେ ପାଠପଢା ହେଉଛି। କୋଠାର ଅନ୍ୟ ଏକ କୋଠରି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା ଯାହା ଭାଙ୍ଗିଯାଇଛି। ଭଙ୍ଗା କୋଠରି ଆରପାଖରେ ରୋଷେଇ ଘର ରହିଛି। ଛାତ୍ରୀଛାତ୍ରମାନେ ଭଙ୍ଗା କୋଠରି ଦେଇ ପ୍ରତିଦିନ ଖାଇବାକୁ ଯାଇଥାନ୍ତି। ବିଦ୍ୟାଳୟର ସମସ୍ୟା ବିଷୟରେ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହେଉଛି। ଏନେଇ ପ୍ରଧାନଶିକ୍ଷକ ନିହାର ରଞ୍ଜନ ଭୋଇଙ୍କୁ ପଚାରିବାରୁ ଭାଙ୍ଗି ପଡିଥିବା କୋଠରି ବ୍ୟବହୃତ ହେଉ ନଥିବା କହିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କୁ ପଚାରିବାରୁ ଅବ୍ୟବହୃତ ଘରର ଛପର ଭାଙ୍ଗିଛି ବୋଲି କହିଛନ୍ତି।

## ଖଇରାରେ ବାଘ ଆତଙ୍କ, ଗୁହାଳରୁ ଟାଣି ନେଇ ଗାଈକୁ ଖାଇଲା

**ବୋଡେନ,୨୩।୯(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ଖଇରାରେ ବାଘ ଆତଙ୍କ ଦେଖାଦେଇଛି। ଗୁରୁବାର ରାତିରେ ଖଇରା ଗ୍ରାମ ଡୁମେରପଡାର ଜିତ ମାଝିଙ୍କ ଗୁହାଳରୁ ଏକ ଗାଈକୁ ବାଘ ଟାଣି ନେଇଥିଲା। ସକାଳୁ ଖୋଜିବା ପରେ ଗାଁ ପାଖରେ ପଡିଥିବା ଲୋକେ ଦେଖିଥିଲେ। ଖବର ପାଇ ବୋଡେନ ପ୍ରାଣୀଧନ ଚିକିତ୍ସକ ଟିକେରାମ ମାଝି ଘଟଣାସ୍ଥଳ ପରିଦର୍ଶନ କରି ବ୍ଲକ ପ୍ରାଣୀଧନ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡିଛି। ସ୍ଥାନୀୟ ବନ ବିଭାଗ କର୍ମଚାରୀଙ୍କୁ ପଚାରିବାରୁ ଅଭିଯୋଗ ହେଲେ ତଦନ୍ତ କରି ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## କଚରାଧରୁଆ ମନ୍ଦିର ଉଦ୍‌ଘାଟିତ

**ଖଡ଼ିଆଳ,୨୩।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବିରିଘାଟ ପଞ୍ଚାୟତ ମହୁଲଝରଣ ଗାଁରେ ମା କଚରାଧରୁଆ ମନ୍ଦରୀ ଉଦ୍‌ଘାଟିତ ହୋଇଛି। ବିଜେଡିବିଧାୟକ ପ୍ରାର୍ଥୀ ତଥା ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ଛାତ୍ର ବିଜେଡି ସଭାପତି ଅମିତ ସିଂଦେଓ, ରାଜେନ୍ଦ୍ର କୁମାର ଶାହା, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ରହେମନ ମହମ୍ମଦ, ପଞ୍ଚାୟତ ସଭାପତି ପୀତାମ୍ବର କାଣ୍ଡ, ପଞ୍ଚାୟତ ପ୍ରତିନିଧି ଲଳିତ କାଣ୍ଡ ଓ ଗାଁର ପିଙ୍ଗଳ ମାଝି, ତୀରଣ ମାଝି ପ୍ରମୁଖ ଯୋଗ ଦେଇଥିଲେ। ନିଆଲ ମନ୍ଦିର ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।

# ପ୍ଲାଷ୍ଟିକ, ପଲିଥିନ ବ୍ୟବହାର କମ୍ କରିବାକୁ ଶପଥ

**ସ୍ୱଚ୍ଛତା ହିଁ ସେବା ଅଭିଯାନ**

**ଲୋଇସିଂହା, ୨୩।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଜଳ ଓ ପରିମଳ ବିଭାଗ ପକ୍ଷରୁ ବ୍ଲକ ପରିସରରେ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଦ୍ୱିତୀୟ ପର୍ଯ୍ୟାୟ ସ୍ୱଚ୍ଛତା ହିଁ ସେବା ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୋଡାଲ ସାନିଟେସନ ଆଇସି ସିର୍ଦ୍ଧାର୍ଥ ପାଢୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ, ଜିପିଓ କିଶୋର ମାନସିଂ, ବିଆରସି ଛବିଳ କୁମାର ବେହେରା, ବିଏଲସି ପ୍ରଭାସିନୀ ପଟ୍ଟନାୟକ, ମାଷ୍ଟର ଟ୍ରେନର ହୃଷିକେଶ ବାରିକ ରଶ୍ମିତା ସିଂଦେଓଙ୍କ ସମେତ ଲୋଇସିଂହା, ବୁର୍ଡା, ବୁଢୀପଦର ପଞ୍ଚାୟତର ବିଏଲଏଫ, ଏମବିକେ, ସିଆରପିସିଏମ କର୍ମଚାରୀ ବ୍ଲକ ପରିସରରେ ସଫେଇ କରିଥିଲେ। ନିଜେ ସଫା ରହିବା ସହ ନିଜ ଘର ଚତୁପାର୍ଶ୍ୱକୁ ସଫାସୁତରା ରଖିବାକୁ ପରାମର୍ଶ ଦେଇଥିଲେ। ବାହାରେ ଶୌଚ ନକରି ଘରେ ପାଇଖାନା ବ୍ୟବହାର କରିବା, ଖାଇବା ପୂର୍ବରୁ ସାବୁନରେ ନିୟମିତ ହାତ ଧୋଇବା, ଆବର୍ଜନା ଆବର୍ଜନ କୁଣ୍ଡରେ ପକାଇବା, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କମ୍ କରିବାକୁ ଏହି ଅବସରରେ ଶପଥ ପାଠ କରାଇଥିଲେ ବିପିଏମ ମଧୁସ୍ମିତା ବିଶ୍ୱାଳ।




ଲୋଇସିଂହା ବ୍ଲକ ପରିସରରେ ସ୍ୱଚ୍ଛତା ପାଇଁ ଶପଥ ପାଠ କରାଯାଉଛି।

# ନିର୍ମାଣଧୀନ ରାସ୍ତା ଖାଲରେ ପଡ଼ି ଯୁବକ ମୃତ

**ଭବାନୀପାଟଣା,୨୩।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ପାଷ୍ଟିକୁଡି ନିକଟରେ ଗୁରୁବାର ରାତିରେ ନିର୍ମାଣଧୀନ ରାସ୍ତା ଖାଲରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ଢୁଙ୍ଗରିପଦର ଡମ୍ବରୁଧର ପରାଭୋଇ। ଡମ୍ବରଧର ରାତିରେ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ପାଷ୍ଟିଗୁଡି ନିକଟ ନିମାଣାଧୀନ ରାସ୍ତା ଖାଲରେ ପଡି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାରଲୋକଙ୍କୁ ଅବଗତ କରାଇଥିଲା। ଡମ୍ବରୁଧର ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିଲେ।

# ଡାକ୍ତରଙ୍କ ପରାମର୍ଶ ନେଲେ ୨୭୫ ଭିନ୍ନକ୍ଷମ

**ଜୁନାଗଡ଼ ଏନ୍‌ଏସିରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

**ଜୁନାଗଡ,୨୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏନ୍‌ଏସି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସହରର ୨୭୫ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ଏଥିରେ ଚକ୍ଷୁ ବିଭାଗରେ ୪୨, ମାନସିକ ରୋଗ ବିଭାଗରେ ୩୬, ଇଏନ୍‌ଟି (ଆଖି, କାନ, ନାକ) ବିଭାଗରେ ୬୦ ଓ ଅସ୍ଥିଶଲ୍ୟ ବିଭାଗରେ ୧୩୭ ଜଣ ରହିଥିଲେ। ଏଥିରେ ସେମାନେ ଆଖି ଡାକ୍ତର ନିବେଦିତା ସାହୁ, ମାନସିକ ରୋଗ ବିଭାଗର ଡାକ୍ତର ପୁଷ୍ପାରାଣୀ ହେମ୍ବ୍ରମ, ଇଏନଟି ବିଭାଗର ପ୍ରଦ୍ୟୁମ୍ନ ପଣ୍ଡା ଓ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସୁନୀଲ ପାଢିଙ୍କ ପରାମର୍ଶ ନେଇଥିଲେ। ସେହିପରି କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ଭିନ୍ନକ୍ଷକ ପୁର୍ନାବାସ ଅଧିକାରୀ ସୁବାଶିଷ ମହାନ୍ତି, ନିବାସ ଚନ୍ଦ୍ର ସାହୁ, ବାଦଳ ପଟ୍ଟନାୟକ, ନିବେଦିତା ସାହୁ, ଲକ୍ଷପତି ପୂଜାରୀ, ଅପୂର୍ବ ସତନାମୀ ପ୍ରମୁଖ ସହଯୋଗ କରିଥିଲେ। ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରା, ସଚିନ ପୂଝାରୀ, ଏନଏସିର ସମସ୍ତ ପାରିଷଦ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜୁନାଗଡ ଏନ୍‌ଏସିରେ ପ୍ରଥମ ଥର ପାଇଁ ଏହି ଶିବିର ଅନୁଷ୍ଠିତ ହୋଇଥିବାରୁ ସ୍ଥାନୀୟ ଦିବ୍ୟାଙ୍ଗଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।



ଜୁନାଗଡ ନଗରପାଳଙ୍କ ଉପସ୍ଥିତିରେ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି ଜଣେ ଦିବ୍ୟାଙ୍ଗ।

# ସିଡିପିଓଙ୍କୁ ଘେରିଲେ ମହିଳା

**ଲୋଇସିଂହା,୨୩।୯(ଡି.ଏନ.ଏ)**



ସିଡିପିଓଙ୍କ କାର୍ଯ୍ୟାଳୟ ବାହାରେ କନ୍ଦାଜୁରୀ ଗାଁ ମହିଳାମାନେ।

- ବନ୍ଦ ରହିଛି ଅଙ୍ଗନୱାଡି କେନ୍ଦ୍ର
- ହେଲପର ଚୟନକୁ ନେଇ ବିବାଦ ପରେ ଉପୁଜିଛି ସମସ୍ୟା

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର-୧ ଦୀର୍ଘ ମାସ ହେଲା ବନ୍ଦ ରହିଛି। ଉକ୍ତ କେନ୍ଦ୍ର ଖୋଲିବା ଦିଗରେ ପ୍ରଶାସନ ଆନ୍ତରିକତା ଦେଖାଉନାହିଁ। ଫଳରେ କେନ୍ଦ୍ର ଅଧୀନରେ ଥିବା ଶିଶୁଙ୍କ ପ୍ରାକ୍‌ଶିକ୍ଷା ଏବଂ ଗ୍ରାମର ଗର୍ଭବତୀ ଓ ପ୍ରସୂତି ସରକାରୀ ସୁବିଧାରୁ ବଞ୍ଚିତ ରହିଛନ୍ତି। ଉକ୍ତ କେନ୍ଦ୍ର ଖୋଲିବା ଦିଗରେ ଶୁକ୍ରବାର ଗ୍ରାମର ମହିଳାମାନେ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସିଡିପିଓ ପ୍ରଜ୍ଞା ବାରିକଙ୍କୁ ଘେରିଥିଲେ। କେବେ କେନ୍ଦ୍ର ଖୋଲିବ ସେ ନେଇ ପ୍ରଶ୍ନ କରିଥିଲେ। ଏହି ମାମଲା ବିବାଦୀୟ ଥିବାରୁ ଉପରିସ୍ଥ ଅଧିକାରୀ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସୋମବାର ବଲାଙ୍ଗୀରରେ ଏଡିଏମକୁ ସାକ୍ଷାତ କରିବାକୁ ସେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ । କନ୍ଦାଜୁରୀ ପଞ୍ଚାୟତ ସଦର ଗାଁ ୧ନଂ ଅଙ୍ଗନୱାଡି କେନ୍ଦ୍ରର ହେଲପର ଅବସର ନେବା ପରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ୨୦୨୦ ଡିସେମ୍ବରରେ ଏହି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଗ୍ରାମର ୩ଜଣ ମହିଳା ଆବେଦନ କରିଥିଲେ। ୨୦୨୧ ଫେବୃୟାରୀରେ ହେଲପର ଚୟନ ପାଇଁ ଭୋଟିଂ ହୋଇଥିଲା । ଆବେଦନକାରୀ ୩ଜଣଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ୨୧ଖଣ୍ଡ , ସସ୍ମିତା ପଧାନଙ୍କୁ ୭ ଏବଂ ପଦ୍ମିନୀ ସିଂଙ୍କ ସପକ୍ଷରେ ଖଣ୍ଡିଏ ଭୋଟ ପଡିଥିଲା । ହେଲେ ପକ୍ଷପାତିତା କରି ଏକମାତ୍ର ଭୋଟ ପାଇଥିବା ମହିଳାଙ୍କୁ ବିଭାଗ ପକ୍ଷରୁ ହେଲପର ନିଯୁକ୍ତି ଦିଆଯାଇଥିଲା। ଏହାକୁ ନେଇ ଗ୍ରାମରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସେବେଠାରୁ ଉକ୍ତ କେନ୍ଦ୍ରକୁ ଅଭିଭାବକମାନେ ଶିଶୁଙ୍କୁ ଛାଡୁ ନାହାନ୍ତି କିମ୍ବା କେନ୍ଦ୍ର ଅଧୀନ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କ ପାଇଁ ରହିଥିବା ସରକାରୀ ସୁବିଧା ଗ୍ରହଣ କରୁନାହାନ୍ତି। ଉକ୍ତ ବିବାଦର ସମାଧାନ ପାଇଁ ଗ୍ରାମବାସୀ ବହୁବାର ଉଦ୍ୟମ କରି ବିଫଳ ହୋଇଛନ୍ତି। ଅପରପକ୍ଷେ ପ୍ରଶାସନ ମଧ୍ୟ ଉକ୍ତ କେନ୍ଦ୍ର ଖୋଲିବା ଦିଗରେ ଆନ୍ତରିକତା ଦେଖାଉନାହିଁ। ଶୁକ୍ରବାର ମହିଳାମାନେ କାର୍ଯ୍ୟାଳୟକୁ ଆସିବା ସମୟରେ ସିଡିପିଓ ଅଫିସରେ ନଥିଲେ। ପରବର୍ତ୍ତି ସମୟରେ ସିଡିପିଓ ପହଞ୍ଚିବା ପରେ ଆମ ଶିଶୁଙ୍କୁ ଶିକ୍ଷା ଦିଅ, ସ୍ୱାସ୍ଥ୍ୟସେବା ଦିଅ କହି କେନ୍ଦ୍ର ଖୋଲିବାକୁ ଦାବି କରିଥିଲେ ।

**ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ**

ବାଉଁଶୁଣୀ (ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଛକ ବାଉଁଶୁଣୀ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଗୁରୁବାର ସନ୍ଧ୍ୟା ୫ଟାରେ ଚଳିତବର୍ଷର ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଚଳିତବର୍ଷ ୧୦ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବାକୁ ଯାଉଛି। ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ସୁଦାମ ଦାସ ଥିବାବେଳେ ପୂଜକ ଭାବରେ ସଚିନ ପୁରୋହିତ ପୂଜାକାର୍ଯ୍ୟ ତୁଲାଇଥିଲେ। ସଂଘର ସଭାପତି ଅଶ୍ୱିନୀ ସାହୁ ଓ ସମ୍ପାଦକ କାଳିଆ ନାଏକଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଢ଼େଇ ଲକ୍ଷ ଟଙ୍କା ଲୁଟ୍, ଥାନାରେ ମାମଲା

ବୌଦ୍ଧ,୨୩।୯(ସ୍ୱ.ପ୍ର.): ବୌଦ୍ଧ ସହର ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥ ରାମେଶ୍ୱର ବିହାର ନିକଟରେ ଅଢ଼େଇ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ବୌଦ୍ଧ ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ଅଶୋକ ଅଗ୍ରୱାଲା ଗତ ବୁଧବାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଅଢ଼େଇ ଲକ୍ଷ ଟଙ୍କା ଉଠାଇ କାର୍ ଯୋଗେ ବଘିଆପଡ଼ା ଯାଉଥିଲେ। ସହରର ରାମେଶ୍ୱର ବିହାର ନିକଟସ୍ଥ ଏକ ଦୋକାନରୁ କିଛି ସାମଗ୍ରୀ କିଣିବାକୁ ଗାଡ଼ି ରଖିଥିଲେ। ତାଙ୍କ ପଛପଟୁ ଏକ କଳାରଙ୍ଗର ପଲସର ବାଇକ୍ ଯୋଗେ ଦୁଇଜଣ ଦୁର୍ବୃତ୍ତ ଆସି ଟଙ୍କା ବ୍ୟାଗକୁ ଟାଣି ନେଇ ଦ୍ରୁତ ଗତିରେ ବ୍ରିଜ ଛକ ଆଡକୁ ଚାଲିଯାଇଥିଲେ। ସେମାନଙ୍କୁ ପିଛା କରି ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ପାଇ ନ ଥିଲେ। ଫଳରେ ବୌଦ୍ଧ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନା ପକ୍ଷରୁ ଏକ ମାମଲା (ନଂ.୨୬୪/୨୨) ରୁଜୁ ହୋଇଛି। ପୋଲିସ ଘଟଣାର ତନନ୍ତ ଚଳାଇଛି।

### ଗଞ୍ଜେଇ ଜବତ, ୨ ଗିରଫ

ପଦ୍ମପୁର ୨୩।୯(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଅବକାରୀ ବିଭାଗ କଚେରି ଛକରେ ଚଢ଼ାଉ କରି ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଟଣାଗଡ ଥାନା ପାନାମୁଣ୍ଡାର ସୁରେନ୍ଦ୍ର ବାଗ ଓ ବାଳକୃଷ୍ଣ କୁମ୍ଭାର। ଉଭୟଙ୍କଠାରୁ ୩କେଜି ୩୦୦ଗ୍ରାମ ଗଞ୍ଜେଇ, ଏକ ବାଇକ୍ (ନଂ.ଓଡି୦୩ଟି/୫୯୦୫) ଓ ମୋବାଇଲ ଜବତ ହୋଇଛି। ଶୁକ୍ରବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ବାହାରିଲା ସ୍ୱଚ୍ଛତା ରଥ

ବିନିକା, ୨୩।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲଶ ବିନିକା ବ୍ଲକରେ ଗୁରୁବାର ସଚ୍ଛତା ରଥର ଶୁଭାରମ୍ଭ ହୋଇଛି। ଏହିରଥ ବ୍ଲକ ଅନ୍ତର୍ଗତ ୧୬ପଞ୍ଚାୟତ ପରିକ୍ରମା କରିବ। ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ବିଭିନ୍ନ ପ୍ରକାରର ରୋଗରୁ ମୁକ୍ତି ପାଇଁ ଗାଁ ଗାଁରେ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବାକୁ ଏହି ରଥ ବାର୍ତ୍ତା ଦେବ। ଦୀନବନ୍ଧୁ ମଲ୍ଲିକ, ନାଗାର୍ଜୁନ ପାଣ୍ଡେ, ଯୋଗେଶ୍ୱର ମେହେର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ବିୟୋଗରେ ଶୋକସଭା

ଅମରପାଲି,୨୩।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଯୁବରାଜପୁର ସରକାରୀ ବିଦ୍ୟାଳୟ ସହକାରୀ ଶିକ୍ଷକ ସୂର୍ଯ୍ୟ କୁମାର ଥାଟିଙ୍କ ବିୟୋଗରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ମିଳିତ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଦିବଂଗତ ଶିକ୍ଷକଙ୍କ କୁମାର ଥାଟିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମିଳିତ ଶିକ୍ଷକ ସଂଘ ସମ୍ପାଦକ ମେଘନାଦ ଭୋଇ। ଏନପିଏସ ଶିକ୍ଷକ ସଂଘ ସଭାପତି ନାରାୟଣ ଜଗଦଲା, ଶିକ୍ଷକ ସତ୍ୟନାରାୟଣ ସାହୁ, ସ୍ୱାଧୀନ ବିଶ୍ୱାଳ, ଚନ୍ଦ୍ରେଶ୍ୱର ମିଶ୍ର, ରମେଶ ପଧାନ, ମାନସ କୁମାର ମହାନ୍ତି, ଜ୍ୟୋତିରଞ୍ଜନ ପଧାନ, ଭାବଗ୍ରାହୀ ମେହେର, କେଶବ ପ୍ରଧାନ, ସୁରେଶ ବାଘ, ସନ୍ତୋଷ କୁମାର ପଧାନ, ମନରଞ୍ଜନ ଭୋଇ ଥାଟିଙ୍କ ବହୁମୁଖୀ ପ୍ରତିଭାରଙ୍କ ସ୍ମୃତିଚାରଣ କରିଥିଲେ।

# ଓସାରିଆ ହେବ ସୋନପୁର-ଡୁଙ୍ଗୁରିପାଲି ରାସ୍ତା



ଖବରଦାତା ସମ୍ମିଳନୀରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଉଛନ୍ତି।

- ୫୪ କିଲୋମିଟର ରାସ୍ତା ପାଇଁ ଖର୍ଚ୍ଚ ହେବ ୧୪୫ କୋଟି
- ଭବିଷ୍ୟତରେ ରାସ୍ତା ୪ ଲେନ୍ ହେବ : ଅର୍ଥ ମନ୍ତ୍ରୀ

ସୋନପୁର,୨୩।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ଲାଇଫ ଲାଇନ କୁହାଯାଉଥିବା ସୋନପୁର-ବିନିକା-ରାମପୁର-ଡୁଙ୍ଗୁରପାଲି ମେଜର ଡିଷ୍ଟ୍ରିକ୍ଟ ରୋଡ(ଏମଡିଆର) ଓସାରିଆ ହେବ। ଅର୍ଜୁନପୁରରୁ ଡୁଙ୍ଗୁରିପାଲି ୫୪.୨୦୦ କିଲୋମିଟର ବିଶିଷ୍ଟ ଏହି ରାସ୍ତା ପାଇଁ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୪୫ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ଖୁବ୍‌ଶୀଘ୍ର ୨ ଥାକିଆ ରାସ୍ତା କାମ ଆରମ୍ଭ ହେବ। ପରବର୍ତ୍ତୀ ସମୟରେ ଏହି ରାସ୍ତାକୁ ୪ଲେନ କରାଯିବ। ଜମି ଅଧିଗ୍ରହଣ କାର୍ଯ୍ୟ ସରିବା ପରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲାର ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଦାନ ଯୋଗାଇ ଦେଇଥିବାରୁ ମନ୍ତ୍ରୀ ପୂଜାରୀ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

ପ୍ରଥମ ପର୍ଯ୍ୟାୟରେ ୦ରୁ ୨୨ କିଲୋମିଟର ରାସ୍ତା ପାଇଁ ୫୧ କୋଟି ୭୫ ଲକ୍ଷ ୭୦ ହଜାର ଟଙ୍କାର ପ୍ରଶାସନିକ ମଞ୍ଜୁରି ମିଳିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ୪୩ କୋଟି ୧୫ ଲକ୍ଷ ୫୪ ହଜାର ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ବିକେଡି କନଷ୍ଟ୍ରକସନ୍ସ ଏହି ଟେଣ୍ଡର ପାଇଛି। ୭ ମିଟର ଓସାରର ରାସ୍ତା ପିଚୁ ହେବା ସହ ଉଭୟ ପାର୍ଶ୍ୱରେ ଦେଢ ମିଟର ଲେଖାଏ କଂକ୍ରିଟ୍ ହେବ। ଉଭୟପାର୍ଶ୍ୱରେ ୧ ମିଟର ଲେଖାଏ ମୋରମ ରାସ୍ତା ରହିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୨ରୁ ୫୪.୨୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୧୨୮ କୋଟି ୪୫ ଲକ୍ଷ ୩୬ ହଜାର ଟଙ୍କାର ପ୍ରଶାସନିକ ମଞ୍ଜୁରି ମିଳିଥିଲା। ସରକାର ଏଥିପାଇଁ ୧୦୨ କୋଟି ୪୨ ଲକ୍ଷ ୭୧ ହଜାର ଟଙ୍କାର ଟେଣ୍ଡର ଆହ୍ୱାନ କରିଥିଲେ। ଆଶିର୍ବାଦ କନଷ୍ଟ୍ରକସନ୍ସ ଏହି ଟେଣ୍ଡର ପାଇଛି। ଏହି ରାସ୍ତା କାମକୁ ଗୁରୁବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏଥିପାଇଁ ସୁବର୍ଣ୍ଣପୁର ଜିଲାବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ବିଶେଷ କରି ବିନିକା, ରାମପୁର ଓ ଡୁଙ୍ଗୁରିପାଲି ଭଳି ଜଳସେଚିତ ଅଞ୍ଚଳର ଲୋକେ ନିଜର ଖୁସି ଜାହିର କରିଛନ୍ତି। ଚାଷୀ ନିଜର ଉତ୍ପାଦିତ ଧାନ ଓ ଅନ୍ୟାନ୍ୟ ଫସଲକୁ ସହଜରେ ଅନ୍ୟ ସ୍ଥାନକୁ ନେଇପାରିବେ। ଚାଉଳ ଟ୍ରକ୍ ସହଜରେ ରାଇସ ମିଲ୍‌ରୁ ଗୋଦାମ ଓ ରେଳ ଷ୍ଟେଶନକୁ ଯାଇପାରିବ। ଏହି ଓସାରିଆ ରାସ୍ତା ଯାତାୟତକୁ ସୁଗମ କରିବା ସହ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

ବିନିକା,୨୩।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ତରଫରୁ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା କାର୍ଯ୍ୟକ୍ରମ ଗୁରୁବାର ସ୍ଥାନୀୟ ବର୍ଜ୍ୟବସ୍ତୁ ପୁନଃଚକ୍ରଣ ସୁବିଧା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ସୁବାଶ ଚନ୍ଦ୍ର ଭୋଇ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ବିନିକା ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଅଶୋକ ବିଶି, ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ନୀଳାଚଳ ମେହେର ଯୋଗ ଦେଇଥିଲେ। ଏଥିରେ ବାଳିକା ହାଇସ୍କୁଲ ଛାତ୍ରୀ, ବାଳକ ହାଇସ୍କୁଲ ଛାତ୍ର ଏବଂ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଘରୁ ବାହାରୁଥିବା ଓଦା ଅଳିଆ ଏବଂ ଶୁଖା ଅଳିଆରୁ କେମିତି ଜୈବିକ ଖତ ତିଆରି ହେଉଛି ସେ ଉପରେ ଏନଏସିର ଉମାକାନ୍ତ ସିଂ ଛାତ୍ରୀଛାତ୍ରମଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସିର ସାଗରିକା ପାତ୍ର, ସାନିଟାରୀ ସୁପରଭାଇଜର ସନ୍ତୋଷ କୁମାର ବନଛୁର, ପି.ଏ. ସରୋଜ ମେହେର, କାଉନସିଲର ବିଜୟ କୁମାର ବରାଇ, ପ୍ରଦୀପ ବାଘ, ଜିତୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମବାସୀଙ୍କ ଧାରଣା ପରେ ଶିକ୍ଷକ ବଦଳି ସ୍ଥଗିତ



ବିଇଓଙ୍କ ଅଫିସ୍ ଗ୍ରୀଲ୍ ବନ୍ଦ କରି ଗ୍ରାମବାସୀ ଧାରଣା ଦେଇଛନ୍ତି।

ସରଣ୍ଡା, ୨୩।୯(ଡି.ଏନ୍.ଏ .)

ଅତାବିରା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସିଲାଟ ଗ୍ରାମବାସୀଙ୍କ ଧାରଣା ପରେ ଶିକ୍ଷକଙ୍କ ବଦଳିକୁ ବାତିଲ କରାଯାଇଛି। ଏହାପରେ ଗ୍ରାମବାସୀ ଧାରଣାରୁ ଉଠିଛନ୍ତି। ସୂଚନା ଅନୁସାରେ, ସିଲାଟ ୟୁଜିୟୁପି ସ୍କୁଲରେ ୧ମରୁ ୮ମଶ୍ରେଣୀ ପର୍ଯ୍ୟନ୍ତ ୨୯୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ୫ଜଣ ଶିକ୍ଷକ ରହିଛନ୍ତି। ସେଥିମଧ୍ୟରୁ ଜଣେ ଶିକ୍ଷକଙ୍କ ବଦଳି କରାଯାଇଛି। ଏହାର ପ୍ରତିବାଦରେ ଗ୍ରାମର ପୁରୁଷ ମହିଳା ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଶୁକ୍ରବାର ବିଇଓଙ୍କ କାର୍ଯ୍ୟାଳୟର ଗ୍ରୀଲ୍ ବନ୍ଦ କରି ଧାରଣାରେ ବସିଥିଲେ। ଖବର ପାଇ ବିଇଓ ମଛିନ୍ଦ୍ର ମଲ୍ଲିକ, ଏବିଇଓ କାର୍ତ୍ତିକ ବାଗ ଓ ତପନ କୁମାର ଦାଶ ଧାରଣାସ୍ଥଳକୁ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। ବଦଳି କରାଯାଇଥିବା ଶିକ୍ଷକଙ୍କ ବଦଳି ବାତିଲ କରାଗଲା ଏବଂ ଅତିଶୀଘ୍ର ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ବିଇଓ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉଦ୍ଧବ ଷଣ୍ଡ, ଅନୁସୂୟା ନାଥ, ମହିମା ତାଣ୍ଡିଆ, ପିଙ୍କି ତାଣ୍ଡିଆ, ଦିଗମ୍ବର ମିର୍ଦ୍ଧା, ଟୁନା ବଗର୍ତ୍ତି, ଅଜିତ ପଶାୟତ, ଜୟଦେବ ମାହାର ପ୍ରମୁଖ ଧାରଣା ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ବୃତ୍ତିଗତ ଶିକ୍ଷଣ କମିଟି ଗଠିତ

ବରଗଡ଼ ଅଫିସ, ୨୩।୯

ବରଗଡ଼ ଜିଲା ବିଜେପୁର ବ୍ଲକ ଜାରିଂ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ବୃତ୍ତିଗତ ଶିକ୍ଷଣ କମିଟି ଗଠିତ ହୋଇଯାଇଛି। କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟରେ ଶୈକ୍ଷିକ ଦିଗର ଉନ୍ନତି ପାଇଁ ଉକ୍ତ କମିଟି କାର୍ଯ୍ୟ କରିବ। କମିଟିରେ ସିଆରସିସି ରାଜେଶ୍ୱର ବେହେରା, ଏବିଇଓ ପୂର୍ଣ୍ଣଚନ୍ଦ୍ର ପଧାନ, କ୍ଷେତ୍ରପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌଦାମିନୀ ମାଝି, ମାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ପୁରି, ଅଭିଜ୍ଞ ବିଷୟ ଶିକ୍ଷକ ଭାବେ ଜାରିଂ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାଦ୍ରବ ପାଣ୍ଡେ, ସଂଘମିତ୍ରା ମାହାଣା, ମଧୁସୂଦନ ଭୋଇ, ବିକାଶ ଗଡତୀୟା, ପ୍ରସନ୍ନ କୁମାର ଭୋଇ, ଅଶୋକ କୁମାର ସ୍ୱାଇଁ, ସଚ୍ଚିଦାନନ୍ଦ ମହାପାତ୍ର, ଶିକ୍ଷାବିତ ଭାବେ ନବ କିଶୋର ସାହୁ ରହିଛନ୍ତି। ଏହା ପୂର୍ବରୁ ଶିକ୍ଷକ ପର୍ବର ତୃତୀୟ ପର୍ଯ୍ୟାୟକୁ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଦ୍ରବ ପାଣ୍ଡେ ଉଦ୍‌ଘାଟନ କରିଥିଲେ। ସିଆରସିସି ରାଜେଶ୍ୱର ବେହେରାଙ୍କ ସଞ୍ଚାଳନରେ ଛାତ୍ରୀମାନେ ଗୁରୁପୂଜନ କରିଥିଲେ। ପରେ ବିଜ୍ଞାନ ଶିକ୍ଷୟିତ୍ରୀ ମନ୍ଦାକିନୀ ପଧାନ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ପ୍ରଦର୍ଶନୀ ଶିକ୍ଷାଦାନ ପ୍ରଦାନ କରିଥିଲେ। ପ୍ରେମରାଜ ରଣା, ବାହାଦୁର ପଧାନ, ଗୀତାଞ୍ଜଳି ସାହୁ, ମିନାକ୍ଷୀ ରାଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ପାର୍ଥବ ଚରଣ ଦାଶ, ରୀତା କ୍ଷେତି, ବିନୋଦ କୁମାର ତନ୍ତୀ, ପଙ୍କଜିନୀ ସାହୁ, ଜଗଦୀଶ ପଧାନ, ଭୋଜରାଜ ଦୀପ ପ୍ରମୁଖ ଯୋଗଦାନ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୈଠକ

ପାଇକମାଳ, ୨୩।୯(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଳ ବ୍ଲକ ଫ୍ରେଜରପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିଏମ୍‌ଡିସି ବୈଠକ ବରଗଡ ଜିଲାପାଳ ମନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉପାଧ୍ୟକ୍ଷ ବିଡିଓ ଉପାଞ୍ଜଳି ମାଝୀ, ସଭ୍ୟ ବିଇଓ ଚୂଡ଼ାମଣି ବାରିକ, ମେଡିକାଲ ଅଫିସର ଡାକ୍ତର ଶ୍ରୀଧର ପ୍ରଧାନ, କେଛୋଦାଦର ପଞ୍ଚାୟତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପବିତ୍ରା ପାଣିଗ୍ରାହୀ, କରମୁ ବିଶ୍ୱାଳ, ସୁବାଷ ଚନ୍ଦ୍ର ନାୟକ, ଏଡିଇଓ ରାଧାକାନ୍ତ ଛତ୍ରୀ ଏବଂ ଡିଏସ୍‌ଏସ୍ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟରେ ପାଠପଢା ସାଙ୍ଗକୁ ନାଚଗୀତ, ଚିତ୍ରାଙ୍କନ, ଖେଳକୁଦ ଦିଗରେ ଯେଭଳି ପିଲାଏ ଆଗକୁ ଅଗ୍ରସର ହୋଇପାରିବେ ସେ ନେଇ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା।

# ବୀମାରୁ ବାଦ୍, ତାତିଲେ ଚାଷୀ

ବରଗଡ଼ ଅଫିସ୍,୨୩।୯

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇପଡ଼ିଛି। ମରୁଡ଼ିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ମିଳୁନାହିଁ। ଅନ୍ୟପଟେ ବିଭିନ୍ନ ଆଳ ଦେଖାଇ ବୀମା କମ୍ପାନୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ତାଲିକାରୁ ବାଦ୍ ଦେଇଛି। ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ଚାଷୀମାନେ ଏଭଳି ଅଭିଯୋଗ କରି ଶୁକ୍ରବାର ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବୀମାରୁ ବାଦ୍ ପଡ଼ିଥିବା କ୍ଷତିଗ୍ରସ୍ତ ଚାଷୀମାନେ ଯେଭଳି ବୀମା ସହାୟତା ପାଇପାରିବେ, ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି। ପ୍ରକାଶ ଯେ, ଗତ ୨୦୨୧ ଖରିଫ ଋତୁରେ ଗୋବିନ୍ଦପୁର ପଞ୍ଚାୟତରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ସ୍ଥାନୀୟ ତହସିଲଦାର ଏବଂ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କ୍ରପ୍ କଟିଂ କରାଯାଇଥିଲା। କ୍ରପ୍ କଟିଂ ରିପୋର୍ଟ ଜିଲା ଏବଂ ରାଜ୍ୟସ୍ତରୀୟ ମନିଟରିଂ କମିଟିକୁ ପଠାଗଲା। ସେହି ରିପୋର୍ଟକୁ ଭିତ୍ତି କରି ୯ପଞ୍ଚାୟତର ବୀମା କ୍ଷତିପୂରଣ ବିଚାରାଧୀନ ଥିଲା। ମାତ୍ର ଗୋବିନ୍ଦପୁର ପଞ୍ଚାୟତକୁ ସେଥିରୁ ବାଦ୍ ଦେଇ ଅନ୍ୟ ୮ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀମାନେ ବୀମା କ୍ଷତିପୂରଣ ରାଶି ପାଇବାକୁ ମନୋନୀତ ହୋଇଛନ୍ତି। ଏହା ଜାଣିବା ପରେ ଗୋବିନ୍ଦପୁର ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀ ସମ୍ମିଳନୀ ହୋଇଥିଲା। ଉକ୍ତ ସମ୍ମିଳନୀରେ ଚାଷୀନେତା କିଶୋର ଦେବତା, ଛତ୍ରପତି ଭୋଇ, ରବିନ୍ଦ୍ର ଭୋଇ, ତରଣୀ ସାହୁ, ଚିତ୍ରସେନ ଭୋଇ, ତରୁଣ ନାଏକ, ଅଶୋକ ସାହୁ, ରାଜେଶ୍ୱର ସାହୁ ପ୍ରମୁଖ ଯୋଗଦାନ କରି କ୍ଷୋଭ ପ୍ରକାଶ କରିଥିଲେ। ଏହି ସମସ୍ୟାରେ ହସ୍ତକ୍ଷେପ କରି କ୍ଷତିଗ୍ରସ୍ତ ଚାଷୀମାନେ ଯେଭଳି ବୀମା କ୍ଷତିପୂରଣ ସହାୟତା ପାଇବେ, ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବରଗଡ଼ ବିଧାୟକ ଆଚାର୍ଯ୍ୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାକୁ ଗୁରୁତ୍ୱର ସହିତ ନେଇ ଏହି ସମସ୍ୟା ଉପରେ ସଚିବ ସ୍ତରରେ ଆଲୋଚନା କରି ବିହିତ ପଦକ୍ଷେପ ନେବେ ବୋଲି ବିଧାୟକ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା ପାଇଁ ମୁରାସୁର ବରଣ



ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟଙ୍କ ଦ୍ୱାରା ମୁରାସୁର ବରଣ କରାଯାଉଛି।

ଅମରପାଲି,୨୩।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡିରେ ଚଳିତ ବର୍ଷ ହେବାକୁ ଥିବା ୪୦ତମ ଗଜଲକ୍ଷ୍ମୀ ପୂଜା ଆସନ୍ତା ଅକ୍ଟୋବର ୯ରୁ ଆରମ୍ଭ ହେବ। ଏହି ଅବସରରେ ୧୦ତାରିଖରୁ ପ୍ରତ୍ୟହ ସନ୍ଧ୍ୟାରେ ହେବ ମୁରାସୁର ଦରବାର। ଏଥିପାଇଁ ବିନିକାର ଗୋପାଳ ପଣ୍ଡା ମୁରାସୁର ଭୂମିକାରେ ଅଭିନୟ କରିବେ। ଶନିବାର ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ମୁରାସୁର ବରଣ କରାଯାଇଛି। ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ସଭାପତି ଲବ କୁମାର ସାହୁଙ୍କ ନେତୃତ୍ୱରେ ବିନକା ବ୍ଲକ ଅନ୍ତର୍ଡା ଗ୍ରାମକୁ ଯାଇ ମୁରାସୁର ଭୂମିକାରେ ଅଭିନୟ କରିବାକୁ ଥିବା ଗୋପାଳ ପଣ୍ଡାଙ୍କୁ ପୁଷ୍ପମାଲ୍ୟ, ଅଙ୍ଗବସ୍ତ୍ର ସହିତ ନଡିଆ ପ୍ରଦାନ କରି ବରଣ କରାଯାଇଛି। ମୁରାସୁର ବରଣ ବେଳେ ସଭାପତି ସାହୁଙ୍କ ସହ ପୂଜା କମିଟି ଉପଦେଷ୍ଟା ରାଜଗୋପାଳ ପାଣିଗ୍ରାହୀ, ସଭ୍ୟ ମନୋଜ ନାଏକ, ସତ୍ୟମୋହନ ବେଦପାଣି, ବିଦ୍ୟାଧର ଖୁର୍ଦ୍ଦିଆ, ଶ୍ୟାମ ନନ୍ଦ, ଧନଞ୍ଜୟ ସାହୁଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବିନ୍ଧ୍ୟବାସିନୀ ଦେବୀଙ୍କ ଶାରଦୀୟ ପୂଜା ପ୍ରସ୍ତୁତି

ପାଇକମାଳ,୨୩।୯(ଡି.ଏନ.ଏ.)

ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ମା' ବିନ୍ଧ୍ୟବାସିନୀ ଦେବୀଙ୍କ ଶାରଦୀୟ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ନୃସିଂହନାଥ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ଦିର କୁଳ ପୁରୋହିତ ସୁନିଲ ପୁରୋହିତ, ପଣ୍ଡିତ ସତ୍ୟ ପୁରୋହିତ, ଦେବୀଙ୍କ ପୂଜକ ଦମାର ବରିହା, ଦେବେନ୍ଦ୍ର ସାହୁ, ପ୍ରଦୀପ ଛତ୍ରିଆ, ଦୁର୍ଯ୍ୟୋଧନ ତ୍ରିପାଠୀ, ଚିତ୍ତରଞ୍ଜନ ସରାଫଙ୍କ ସମେତ ମୁନିକେଲ, ବରତୁଣ୍ଡା, ପାଇକମାଳ, ବଇଦପାଲି, ଦୁର୍ଗାପାଲି ଆଦି ୫ଟି ଗ୍ରାମର ଗୌନ୍ତିଆମାନେ ଯୋଗଦାନ କରିଥିଲେ। ଆସନ୍ତା ଅକ୍ଟୋବର ୩ ତାରିଖ ମହାଷ୍ଟମୀ ପୂଜା, ୪ ତାରିଖରେ ମହାନବମୀ ପୂଜା ପାଳନ କରାଯିବା ପାଇଁ ସ୍ଥିର କରାଯାଇଥିଲା।

# ବିଦ୍ୟାଳୟରେ ସ୍ୱଚ୍ଛତା ଦିବସ ପାଳନ

ବାଉଁଶୁଣୀ, ୨୩।୯(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଅଇଁଳାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଦିବସ ପାଳନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦିବସରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଜିତ କୁମାର ମେହେର ଯୋଗଦେଇଥିଲେ। ମୁଖ୍ୟବକ୍ତା ବହିରା ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଳ, ସମ୍ମାନିତ ଅତିଥି ଭାବେ ସିଆରସିସି ଅରବିନ୍ଦ ମହାଲିକ, ସ୍କୁଲ ସଭାପତି ବୁଦ୍ଧଦେବ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱଚ୍ଛତା ଉପରେ ନିଜ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ପ୍ରଶାନ୍ତ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଇଁଳାପାଲି କ୍ଲଷ୍ଟର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ନୃତ୍ୟ, ସଙ୍ଗୀତ, ତର୍କ ଓ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିଲା। ସରପଞ୍ଚ ସେମାନଙ୍କୁ ଗାନ୍ଧୀଜୟନ୍ତୀ ଅବସରରେ ଅକ୍ଟୋବର ଦୁଇ ତାରିଖରେ ପୁରସ୍କୃତ କରିବେ ବୋଲି ଘୋଷଣା କରିଥିଲେ। ଶିକ୍ଷକ ସନ୍ତୋଷ ମଳିକ, ତରଣୀ ହାତୀ, ଶିକ୍ଷୟିତ୍ରୀ ମଧୁସ୍ମିତା ବିଶ୍ୱାଳ, ମାମା ଲେଙ୍କା ସମେତ ହଳଧର ମେହେର, ପରମେଶ୍ୱର ମେହେର, କମ୍ପୁ ସାହୁ, ଠାକୁର ନାଏକ, ମହେଶ୍ୱର ପୋଥାଳ ପ୍ରମୁଖ ସହଯୋଗ କରିଥିଲେ।




ସ୍ୱଚ୍ଛତା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଡାକବଙ୍ଗଳା ପୁନରୁଦ୍ଧାର କାର୍ଯ୍ୟ ବିଳମ୍ବିତ

ବାଉଁଶୁଣୀ, ୨୩।୯(ଡି.ଏନ୍.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ବାଘନଦୀ କୂଳରେ ଥିବା ପୁରାତନ ଡ଼ାକବଙ୍ଗଳାର ପୁନରୁଦ୍ଧାର କାର୍ଯ୍ୟ ବିଳମ୍ବିତ ହେଉଛି। ଫଳରେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରାତନ ଡାକବଙ୍ଗଳାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ପୂର୍ତ୍ତ ବିଭାଗ ଗତ ଦୁଇ ବର୍ଷ ପୂର୍ବେ ଭାଙ୍ଗି ଦେଇଥିଲା। ଲୋକେ ଆଶା କରିଥିଲେ ଯାହାବି ହେଉ ବିଭାଗ ଏ ବଙ୍ଗଳା ପ୍ରତି ଶୁଭଦୃଷ୍ଟି ପକାଇଲା ବୋଲି। ମାତ୍ର ଦୁଃଖର କଥା ଆଜକୁ ଦୁଇ ବର୍ଷ ହେଲା ଘରର ପୁରୁଣା କାଠ, ଟିଣ, ଛପର ଓ ଶାଳକାଠର ଝରକା କବାଟ ଖୋଲି ନେବା ପରେ ସେମିତି ଲଙ୍ଗଳା କରି ପକାଇ ଦେଇଛନ୍ତି। ଡାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପ୍ରାୟ ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନୂତନ ବଙ୍ଗଳା ନିର୍ମାଣ ତ ପରର କଥା ପୁରୁଣା କାନ୍ଥ ବି ଭଙ୍ଗା ଯାଇପାରୁ ନାହିଁ। ପୁରୁଣା ଟିଣ ଓ ଶାଳ କବାଟଗୁଡିକ କେଉଁଆଡେ ଗଲା ତା'ର ଖୋଜ ଖବର ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ପ୍ରାଚୀନ ଡାକବଙ୍ଗଳା ଗଡ଼ଜାତ ସମୟରୁ ରହିଥିଲା। ସ୍ୱାଧୀନତା ପରେ ଏହାର ପୁରାତନ ଡ଼ାକବଙ୍ଗଳାର ପୁନଃନିର୍ମାଣ କରାଯାଇ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନରେ ରକ୍ଷଣାବେକ୍ଷଣ ହେଉଥିଲା। ଉକ୍ତ ଡ଼ାକବଙ୍ଗଳାକୁ ନେଇ ଅନେକ ସ୍ମୃତି ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓ, ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମେତ ଓଡ଼ିଶାର ଅନେକ ବିଶିଷ୍ଟ ବ୍ୟକ୍ତି ଏଠାରେ ଏକାଧିକ ଥର ବିଶ୍ରାମ ନେଇଛନ୍ତି। ୨୦୦୨ମସିହା ପରଠାରୁ ଏହି ଐତିହାସିକ ବଙ୍ଗଳାର ଦୁର୍ଦ୍ଦିନ ଆସିଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଭଗ୍ନ ଅବସ୍ଥାକୁ ଚାଲି ଆସିବା ସହ ଏହାର ପରିବେଶରେ ଅନାବନା ଗଛଲତା ଉଠି ଭୂତକୋଠି ଭଳି ପ୍ରତୀୟମାନ ହୋଇଥିଲା। ଅନେକ ସଚେତନ ବ୍ୟକ୍ତି ଡାକବଙ୍ଗଳାର ପୁନରୁଦ୍ଧାର ପାଇଁ ଦାବି ମଧ୍ୟ କରି ଆସୁଥିଲେ। ପୂର୍ତ୍ତ ବିଭାଗ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବାରୁ ସେ ସମୟରେ ଲୋକେ ସାଧୁବାଦ ଜଣାଇଥିଲେ। ମାତ୍ର ପୂର୍ତ୍ତ ବିଭାଗ ଲୋକଙ୍କୁ ହତାସ କରିଛି। କେଉଁ କାରଣରୁ କାହା ସ୍ୱାର୍ଥରେ ପୂର୍ତ୍ତ ବିଭାଗ ଏଭଳି ନିଷ୍ପତ୍ତି ନେଇଛି ତାହା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ବାଉଁଶୁଣୀ ନିକଟ ପୂର୍ତ୍ତ ବିଭାଗର ଡ଼ାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

